## ସଂକ୍ଷେପରେ

### ଗାଲଗାଣ୍ଡା ସେବାଶ୍ରମର ବାର୍ଷିକ ଉତ୍ସବ



ନନ୍ଦପୁର, ୧୫।୩ (ଡି.ଏନ୍.ଏ.): କୋରାପୁଟ ଜିଲା ନନ୍ଦପୁର ବ୍ଲକ ପାଡୁଆ ପଞ୍ଚାୟତର ମଙ୍ଗଳ ବିଭାଗ ଅଧୀନରେ ଥିବା ଗାଲଗାଣ୍ଡା ସେବାଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ପ୍ରଧାନ ଶିକ୍ଷକ ଜଗଦୀଶ ହିଆଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ପାଡୁଆ ସରପଞ୍ଚ ଗୋପୀନାଥ ସୀସା, ସମିତି ସଭ୍ୟ ନୀଳକଣ୍ଠ ମାଝି, ୱାର୍ଡସଭ୍ୟ ସୁବାସ ଚନ୍ଦ୍ର ଖରା, ପୂର୍ଣ୍ଣିମା ଖରା ବିଦ୍ୟାଳୟ ପରିଚାଳନା ସଭାପତି ମଣିମା ଖରା ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ଭବିଷ୍ୟତ ଗଠନ ଦିଗରେ ନିଜ ଅନ୍ତର୍ନିହିତ ଗୁଣ ତଥା ରୁଚି ରଖୁଥିବା ବିଷୟ ଓ କାର୍ଯ୍ୟପ୍ରତି ଧ୍ୟାନ ଦେବାକୁ ଅତିଥିମାନେ ଛାତ୍ରୀ ଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଆୟୋଜିତ ନାଚ ଗୀତ ଖେଳକୁଦ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଡୁରୁବା ଓ ଆଶ୍ରମପୁଟ ବିଦ୍ୟାଳୟର ଶିକ୍ଷକମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅଭିଭାବକ, ଛାତ୍ରୀ ଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ମିଶି ଦେଶିଆ ଗୀତର ତାଳେ ତାଳେ ନାଚି ବାର୍ଷିକ ଉତ୍ସବ ପାଳନ କରିଥିଲେ।

### ଚୋରି ମାମଲାରେ ଜଣେ ଗିରଫ

ଜୟପୁର, ୧୫।୩ (ନି.ପ୍ର.): ଚୋରି ମାମଲାରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି ଜୟପୁର ଟାଉନ ପୋଲିସ। ଗିରଫ ଅଭିଯୁକ୍ତ ଜଣକ ହେଲେ କୋରାପୁଟ ଜିଲା ଦଶମନ୍ତପୁର ଥାନା ଅଧୀନ ଧର୍ମଗୁଡା ଗ୍ରାମର ମନୋଜ ବିଷୋୟୀ। ପୋଲିସ ସୂଚନାନୁଯାୟୀ, ଏସ୍‌ବିଏମ୍‌ସ ବସରୁ ୧୬୫ ଲିଟର ଡିଜେଲ ଚୋରି ହୋଇଥିବା ହୋଇଥିବା ନେଇ ଜୟପୁର ଟାଉନ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଡିଜେଲକୁ ଜବତ କରିଥିବା ଟାଉନ ଥାନାଧିକାରୀ ସମ୍ବିତ ବେହେରା କହିଛନ୍ତି।

### ମୋଟର ଚୋରି ମାମଲାରେ ୨ ଗିରଫ

ଜୟପୁର, ୧୫।୩ (ନି.ପ୍ର.): ମୋଟର ଚୋରି ମାମଲାରେ ଜୟପୁର ପୋଲିସ ୨ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ପାଲ୍ଲିଗୁଡ଼ାର ଭକ୍ତ ରାମ ହରିଜନ (୧୮) ଓ ମାଲି ଦଳେଇପୁଟ ପ୍ରହ୍ଲାଦ ଗୌଡ (୫୬)। ପୁଜାରାପୁଟର ସୁରେନ୍ଦ୍ର ନାଥ ପାଣିଗ୍ରାହୀ ପୁଜାରିପୁଟ ଓ ଦଳେଇପୁଟର ଚାଷ ଜମିରୁ ଗୋଟିଏ ୧୦ ଏଚ୍‌ପି ମୋଟର ଓ ୭ଟି ୫ଟି ଏଚ୍‌ପି ମୋଟର ଚୋରି ହୋଇଥିବ ନେଇ ସେ ଜୟପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁ କରି ତଦନ୍ତ କରି ଅଭିଯୁକ୍ତମାନେ ତାହାକୁ ଚୋରି କରଇଥିବା ଜାଣିଥିଲା। ପୋଲିସ ସେଠାରେ ଚଢାଉ କରି ଚୋରି ସମଗ୍ରୀ, ୫ଟି ରେଞ୍ଚ, ୬ଟି ହେକ୍ସା ବ୍ଲେଡ, ଓାଟର୍ର ପମ୍ପ ପାଇପ, ୧କେଜି କପର ୱେୟାର, ଆଲୁମିନା ୱେୟାର, ବାଇକ ଜବତ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା। ଏହି ମାମଲାରେ ମୁଖ୍ୟ ଅଭିଯୁକ୍ତ ୨ ଜଣ ଫେରାର ଅଛନ୍ତି ବୋଲି ପୋଲିସ ସୂଚନା ଦେଇଛି। ଗିରଫ ୨ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ସଦର ଥାନାଧିକାରୀ ଈଶ୍ୱର ତାଣ୍ଡି ସୂଚନା ଦେଇଛନ୍ତି।

# ନାଟକରେ 'ସମ୍ପର୍କ ହିଁ ଅମୂଲ୍ୟ ସମ୍ପଦ' ବାର୍ତ୍ତା

- ତ୍ରିଦିବସୀୟ ନାଟକ ମହୋତ୍ସବ ଶେଷ ସନ୍ଧ୍ୟା
- ଦର୍ଶକଙ୍କୁ ବାନ୍ଧି ରଖିଲା ନାଟକ 'ସମ୍ପର୍କ'

ଉମରକୋଟ,୧୫।୩ (ସ୍ୱ.ପ୍ର.)

ନବରଙ୍ଗପୁର ଜିଲା ଉମରକୋଟର 'ଭାରତୀ କଳା ନିକେତନ' ପକ୍ଷରୁ ଚାଲିଥିବା ସପ୍ତଦଶ ବାର୍ଷିକ ଉତ୍ସବ ଓ ପଞ୍ଚମ ତ୍ରିଦିବସୀୟ ନାଟକ ମହୋତ୍ସବର ଉଦ୍‌ଯାପିତ ହୋଇଛି। ଅଧ୍ୟାପକ ଗୋପାଳ ମହାରଣାଙ୍କ ରଚିତ ନାଟ୍ୟ ପୁସ୍ତକ 'ସମ୍ପର୍କ' ନାଟକ ଓ ପ୍ରବନ୍ଧ ସଂକଳନ 'ପୁରସ୍କାର ହାଟ ଓ ବିବିଧ ପ୍ରବନ୍ଧ' ଅତିଥି ଉନ୍ମୋଚନ କରିଥିଲେ। ଆୟୋଜିତ ସଭାରେ ଅଧ୍ୟାପିକା ଏମ୍. ମଧୁଛନ୍ଦା ସଭାପତିତ୍ୱ କରିଥିଲେ। ପୌରାଧ୍ୟକ୍ଷା ରାଧା ଭତ୍ରା ମୁଖ୍ୟ ଅତିଥି, ସାହିତ୍ୟ ଏକାଡେମୀ ସଦସ୍ୟ ବଲ୍ଲଭ ରାଉତ ମୁଖ୍ୟବକ୍ତା, ସମ୍ମାନିତ ଅତିଥିଭାବେ ଇନ୍ଦ୍ରମଣି ବାରିକ, ଅନୁଷ୍ଠାନର ଅଧ୍ୟକ୍ଷା ମଧୁସ୍ମିତା ମହାରଣା ଓ ପ୍ରବନ୍ଧ ପୁସ୍ତକ ସମୀକ୍ଷକଭାବେ ପ୍ରଫୁଲ୍ଲ ରାଉତ ମଞ୍ଚାସୀନ ଥିଲେ। ପ୍ରତିଷ୍ଠାତା ଓ ସମ୍ପାଦକ ନାଟ୍ୟକାର ଗୋପାଳ ମହାରଣା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ନାଟ୍ୟଭୂଷଣ ଇନ୍ଦ୍ରମଣି ବାରିକଙ୍କୁ 'ମା ରମାଦେବୀ କଳାଶ୍ରୀ ସମ୍ମାନ-୨୦୨୩'ରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏତଦ ବ୍ୟତୀତ ବିଭିନ୍ନ ବ୍ୟକ୍ତିତ୍ୱଙ୍କୁ ଅନୁଷ୍ଠାନର ସ୍ମୃତି ଫଳକ ପ୍ରଦାନ କରି ସମ୍ବର୍ଦ୍ଧନା ଦିଆଯାଇଥିଲା।



ନାଟକର ଏକ ଦୃଶ୍ୟ।

ଶେଷ ସନ୍ଧ୍ୟାରେ ନାଟ୍ୟକାର ଗୋପାଳ ମହାରଣାଙ୍କ ରଚିତ ଓ ଅଧ୍ୟାପିକା ମଧୁସ୍ମିତା ମହାରଣାଙ୍କ ନିର୍ଦ୍ଦେଶିତ ନାଟକ 'ସମ୍ପର୍କ' ମଞ୍ଚସ୍ଥ ହୋଇଥିଲା। ସମ୍ପର୍କ ହିଁ ଅମୁଲ୍ୟ ସମ୍ପଦ ବୋଲି ନାଟକରେ ବାର୍ତ୍ତା ଦିଆଯାଇଥିଲା। ସମ୍ପଦର ମାୟା ମରୀଚିକା ପଛରେ ଦୌଡ଼ିଥିବା ଯୁବତୀ ଯୁବକ ପଥଭ୍ରଷ୍ଟ ହୁଅନ୍ତି, ଫଳତଃ ସୁନାର ସଂସାର ଚୁରମାର ହୋଇଥାଏ । ଏପରି ଏକ ବାସ୍ତବ କଥାବସ୍ତୁ ଉପରେ ଆଧାରିତ ସମ୍ପର୍କ ନାଟକ ଅଗଣିତ ଦର୍ଶକଙ୍କୁ ସମ୍ପର୍କ ବାନ୍ଧି ରଖିଥିଲା। ଦୀପଶିଖା ନାୟକ, ଖଗେଶ୍ୱର ଗୌଡ଼, କେଶବ ପଟ୍ଟନାୟକ ଓ ହିମାଂଶୁ ଦାସଙ୍କ ନିଖୁଣ ଅଭିନୟ ନାଟ୍ୟ ପ୍ରେମୀଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ସଂଗୀତ ନିର୍ଦ୍ଦେଶକ ଏମ. ମାଧବ ପାତ୍ରଙ୍କ ଚମତ୍କାର ସଂଗୀତ ପରିବେଷଣ ଦର୍ଶକଙ୍କୁ ବିମୋହିତ କରିଥିଲା। ମଞ୍ଚ ପରିଚାଳନା ଓ ମଞ୍ଚ ସଜାରେ ପ୍ରବୀଣ କୁମାର ପଟ୍ଟନାୟକ, ଏନ୍. ପୂର୍ଣ୍ଣଚନ୍ଦ୍ର ଚୌଧୁରୀ, ସନସାଇ ଭତ୍ରା, ଧନସିଂ ଜାନି, ଦିନୁ ସାନ୍ତା ଓ ମୋହନ ଗୌଡ଼ ସହଯୋଗ କରିଥିଲେ।

### ନାଟକ ପ୍ରଚାର ପ୍ରସାର ନ ହେଲେ ଲୋକେ ପୁରାତନ ସଂସ୍କୃତି ଭୁଲିଯିବେ

ମଞ୍ଚ ନାଟକ ପ୍ରଚାର ଓ ପ୍ରସାର ମୋ ଜୀବନର ଲକ୍ଷ୍ୟ। ଦୀର୍ଘ ୧୭ ବର୍ଷ ଧରି ମୁଁ ଏବଂ ମୋ ପରିବାର ଏ କ୍ଷେତ୍ର ରେ କାର୍ଯ୍ୟ କରି ଖୁସି ଅନୁଭବ କରୁଛୁ। ଉପାନ୍ତ ଅଞ୍ଚଳରୁ ନାଟକର ପ୍ରଚାର ଓ ପ୍ରସାର ନହେଲେ ମଞ୍ଚ ନାଟକ ସମ୍ପର୍କରେ ଅନେକ ଲୋକ ପୁରାତନ ସଂସ୍କୃତି ଭୁଲିଯିବେ। ଏକଥା ଆମେ ହୃଦୟଙ୍ଗମ କରିଛୁ। ତେଣୁ ନାଟକ ମହୋତ୍ସବର ଆୟୋଜନ କରୁଛୁ।

**-ଅନୁଷ୍ଠାନର ପ୍ରତିଷ୍ଠାତା, ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ଅଧ୍ୟାପକ ଗୋପାଳ ମହାରଣା**

### ନାଟକରେ ସମାଜ ପରିବର୍ତ୍ତନର ବାର୍ତ୍ତା ଲୁଚି ରହିଥାଏ

ନାଟକରେ ସମାଜ ପରିବର୍ତ୍ତନର ବାର୍ତ୍ତା ଲୁଚି ରହିଥାଏ। ମୁଁ ମଞ୍ଚ ନାଟକରେ ଅଭିନୟ କରି ନିଜକୁ ଗର୍ବିତ ଅନୁଭବ କରୁଛି। ଅନ୍ତତଃଭାବେ ଅଭିନୟ ମାଧ୍ୟମରେ ଦର୍ଶକଙ୍କ ହୃଦୟକୁ ଜିଣିବା ପରେ ମୁଁ ଆନନ୍ଦ ଅନୁଭବ କରେ। ନାଟକ 'ସମ୍ପର୍କର' ନିର୍ଦ୍ଦେଶିକା ଅଧ୍ୟାପିକା ମଧୁସ୍ମିତାଙ୍କ ବଳିଷ୍ଠ ମାର୍ଗ ଦର୍ଶନ ମୋତେ ନାଟକ କ୍ଷେତ୍ର ରେ ସଫଳତା ଦେଇଛି।

**- ଅଭିନେତ୍ରୀ ଦୀପଶିଖା ନାୟକ, ମଞ୍ଚ ନାଟକ କଳାକାର**

# ଦିନ ଦ୍ୱିପହରରେ ବ୍ଲକ କାର୍ଯ୍ୟାଳୟ ପରିସରରେ ଭାଲୁ



ନନ୍ଦାହାଣ୍ଡି,୧୫।୩(ଡି.ଏନ.ଏ)

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ କାର୍ଯ୍ୟାଳୟ ପରିସର ରେ ଦିନ ଦ୍ୱୀପହର ରେ ଏକ ଭାଲୁ ବୁଲୁଥିବାର ଦେଖିବାକୁ ମିଳିଛି। ବୁଧବାର ସକାଳେ ବ୍ଲକ କାର୍ଯ୍ୟାଳୟ ଖୋଲାଥିବାବେଳେ ହଠାତ୍ ଏକ ଜଙ୍ଗଲୀ ଭାଲୁ ଖାଦ୍ୟ ଅନ୍ୱେଷଣରେ କାର୍ଯ୍ୟାଳୟ ପରିସର ଭିତରକୁ ପଶି ଆସିଥିଲା। ଉପସ୍ଥିତ ବ୍ଲକ କର୍ମଚାରୀ ଓ ଲୋକେ ଭାଲୁ ଟିକୁ ଘଉଡ଼ାଇ ଥିଲେ। ଗହଳି ଶୁଣି ଭାଲୁ ଟି ବ୍ଲକ କାର୍ଯ୍ୟାଳୟ ପରିସରରୁ ଅଫିସ କ୍ୱାଟର କଲୋନୀ ଭିତରୁ ପଶି କେଉଁ ଆଡେ ଚାଲି ଯାଇଥିଲା। ସୌଭାଗ୍ୟ ବଶତଃ ଭାଲୁଟି କାହାର କିଛି କ୍ଷତି କରି ନାହିଁ। ଖବର ପାଇଁ ତେନ୍ତୁଳିଖୁଣ୍ଟି ଫରେଷ୍ଟ ଡିଭିଜନର ଫରେଷ୍ଟର ଅମିତ ଦାଶ କେତେଜଣ ବନ ବିଭାଗ ଏବଂ ୱାଇଲଡ୍ ଲାଇଫ କର୍ମଚାରୀଙ୍କ ସହ ଆଖପାଖ ଅଞ୍ଚଳରେ ଭାଲୁକୁ ଖୋଜାଖୋଜି କରିଛନ୍ତି। ଭାଲୁ ଟି ପୁଣିଥରେ ଫେରିବାର ଆଶଙ୍କା ଥିବାରୁ ବନ ବିଭାଗର କେତେଜଣ କର୍ମଚାରୀ ସେଠାରେ ଜଗି ରହିବେ। ଭାଲୁ ଆସିଲେ ତାକୁ ସୁରକ୍ଷିତ ସ୍ଥାନକୁ ପହଞ୍ଚେଇବାର ଚେଷ୍ଟା କରିବେ ବୋଲି ଫରେଷ୍ଟର ଅମିତ କୁମାର ଦାଶ ସୂଚନା ଦେଇଛନ୍ତି।

# ମରାମତି ହେଲା ଜାତୀୟ ରାଜପଥ

ସୁନାବେଡା,୧୫।୩(ଡି.ଏନ.ଏ)



ସୁନାବେଡା ପୌର ପରିଷଦ କାର୍ଯ୍ୟାଳୟ ସମ୍ମୁଖ ଓ ପୋଲିସ କଲୋନୀ ନିକଟ ୨୬ନଂ ଜାତୀୟ ରାଜପଥର ବିଭିନ୍ନ ସ୍ଥାନରୁ ପିଚୁ ଉଠିଯିବା ସହ ବଡ଼ ବଡ଼ ଗାତ ସୃଷ୍ଟି ହୋଇଥିଲା। ବିପର୍ଯ୍ୟସ୍ତ ଜାତୀୟ ରାଜପଥରେ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇ ଆସୁଥିଲା। ଏ ନେଇ 'ଧରିତ୍ରୀ'ରେ ଖବର ପ୍ରକାଶ ପରେ ଗତ କିଛିଦିନ ହେବ ମରାମତି ହୋଇଛି। ଜାତୀୟ ରାଜପଥ ସୁନାବେଡାର କନିଷ୍ଠ ଯନ୍ତ୍ରୀ ସୁମିତ ରଞ୍ଜନ ବର୍ଷା ଛାଡିବା ପରେ ମରାମତି କାମ ଆରମ୍ଭ ହେବ ବୋଲି ଦେଇଥିବା ପ୍ରତିଶ୍ରୁତି ରକ୍ଷା କରିଥିବାରୁ ଅଞ୍ଚଳବାସୀ ଖୁସି ଜାହିର କରିଛନ୍ତି।

# ସତୀଘାଟ ପ୍ରକଳ୍ପ ପରିଦର୍ଶନ କଲେ ଏମ୍‌ପି, ବିଧାୟକ



ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପଦେଷ୍ଟା ପ୍ରଦୀପ ମାଝି, ନବରଙ୍ଗପୁର ଏମ୍ପି ରମେଶ ମାଝି, ଝରିଗାଁ ବିଧାୟକ ପ୍ରକାଶ ମାଝି ଓ ଅନ୍ୟମାନେ ସତିଗୁଡ଼ା ପ୍ରକଳ୍ପ ପିଦର୍ଶନ କରୁଛନ୍ତି।

ଝରିଗାଁ,୧୫।୩(ସ୍ୱ.ପ୍ର.)

ସତୀଘାଟ ପ୍ରକଳ୍ପ ନିର୍ମାଣ ନେଇ ଏବେ ଚଳଚଞ୍ଚଳ ନବରଙ୍ଗପୁର ଜିଲା ଝରିଗାଁ ବ୍ଲକର ଚଚା ପଞ୍ଚାୟତ। ବୁଧବାର ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପଦେଷ୍ଟା ପ୍ରଦୀପ ମାଝି, ନବରଙ୍ଗପୁର ଏମ୍ପି ରମେଶ ମାଝି, ଝରିଗାଁ ବିଧାୟକ ପ୍ରକାଶ ମାଝି, ଉଠା ଜଳ ସେଚନ ନିଗମ ପ୍ରମୋଦ କୁମାର ପାଢ଼ୀ ଓ ନବରଙ୍ଗପୁର ଜିଲା ବିଜେଡି ପର୍ଯ୍ୟବେକ୍ଷକ ଇଶ୍ୱର ପାଣିଗ୍ରାହୀ ଗବାଗୁଡ଼ା ସ୍ଥିତ ସତୀଘାଟ ପ୍ରକଳ୍ପ ଗସ୍ତ କରି ଫେରିଛନ୍ତି। ସତୀଘାଟ ପ୍ରକଳ୍ପ ନିର୍ମାଣ ହେଲେ ଝରିଗାଁ ବ୍ଲକ ସଦର, ଚଚା, ପାଲିଆ, ବାଣୁଆଗୁଡା, ଫୁପୁଗାଁ, ଗୁରୁସିଙ୍ଗା, ଚକଲାପଦର, ଇଚ୍ଛାପୁର, କଚ୍ରିଛାପର, ବେଲଗାଁ, ଚିତାବେଢ଼ା, ଝରିଗାଁ ପଞ୍ଚାୟତର ପ୍ରାୟ ୬୦୦ ହେକ୍ଟର ଜମିରେ ଜଳସେଚିତ ହୋଇପାରିବ ବୋଲି ସୂଚନା ମିଳିଛି। ଏହାଦ୍ୱାରା ଅଞ୍ଚଳର ଶହ ଶହ ଚାଷୀ ଉପକୃତ ହେବେ ବୋଲି ମତ ପ୍ରକାଶ ପାଇଛି। ସୂଚନାନୁଯାୟୀ, ଚଚା ପଞ୍ଚାୟତ ଅଧୀନ ସତୀଘାଟ ନଦୀ ଉପରେ ପ୍ରକଳ୍ପ ନିର୍ମାଣ ପାଇଁ ଦୀର୍ଘ ବର୍ଷ ଧର ଚାଷୀମାନେ ଦାବି କରି ଆସୁଥିଲେ। କିନ୍ତୁ ରାଜ୍ୟ ସରକାର କୌଣସି ଗୁରୁତ୍ୱ ଦେଉନଥିଲେ। ବର୍ତ୍ତମାନ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପଦେଷ୍ଟା ପ୍ରଦୀପ ମାଝି, ନବରଙ୍ଗପୁର ଏମ୍ପି, ଝରିଗାଁ ବିଧାୟକଙ୍କ ଉଦ୍ୟମରେ ପ୍ରଶାସନ ପକ୍ଷରୁ ସତୀଘାଟ ପ୍ରକଳ୍ପ କାମ ଆରମ୍ଭ ହେବ ବୋଲି ଖବର ପ୍ରସାର ହେବା ପରେ ଅଞ୍ଚଳର ଶହ ଶହ ଚାଷୀ ଉପକୃତ ହେବେ ବୋଲି ଚର୍ଚ୍ଚା ହେଉଛି। ଆସନ୍ତା ସପ୍ତାହରେ ୫-ଟି ସଚିବ ଭି.କେ ପାଣ୍ଡିଆନ ସତୀଘାଟ ପ୍ରକଳ୍ପ ପରିଦର୍ଶନରେ ଆସୁଥିବା ନେଇ ମଧ୍ୟ ଚର୍ଚ୍ଚା ଚାଲିଛି।

# ମୃତକଙ୍କ ପରିବାରକୁ ଭେଟି ସହାୟତା ପ୍ରତିଶ୍ରୁତି ଦେଲେ ତହସିଲଦାର

### କୂଅରେ ଖସି ନାବାଳକଙ୍କ ମୃତ୍ୟୁ ଘଟଣା

ନନ୍ଦାହାଣ୍ଡି,୧୫।୩,(ଡି.ଏନ୍.ଏ)

ନବରଙ୍ଗପୁର ଜିଲା ନନ୍ଦହାଣ୍ଡି ତହସିଲ ଅଧୀନ ସିନ୍ଧିଗୁଡା ପଞ୍ଚାୟତର ଡେଙ୍ଗା ତୋଟାଗୁଡ଼ା ଗ୍ରାମରେ ମଙ୍ଗଳବାର କୂଅରେ ପଡି ଜଣେ ନାବାଳକଙ୍କ ମୃତ୍ୟୁ ଖବରପାଇ ନନ୍ଦାହାଣ୍ଡି ତହସିଲଦାର ଡ ବନମାଳୀ ମେହେର ସେଠାକୁ ଯାଇ ତଦନ୍ତ କରିଛନ୍ତି। ମୃତକଙ୍କ ପରିବାରକୁ ସମବେଦନା ଜଣାଇବା ସହ ସରକାରୀ ନିୟମ ଅନୁଯାୟୀ ଖୁବ୍‌ଶୀଘ୍ର ଆର୍ଥିକ ସହାୟତା ଦିଆଯିବ ବୋଲି ତହସିଲଦାର ପ୍ରତିଶ୍ରୁତି ଦେଇଛନ୍ତି। ସରକାରୀ ସହାୟତା ପାଇବା ପାଇଁ ଆବଶ୍ୟକୀୟ କାଗଜପତ୍ର ଯଥା ମୃତଦେହ ବ୍ୟବଚ୍ଛେଦ ବିବରଣୀ, ବ୍ୟାଙ୍କ ପାସ ବହି, ଭୋଟର ପ୍ରମାଣ ପତ୍ର ଆଦି ଆଦାୟ କରି ସିନ୍ଧିଗୁଡା ରାଜସ୍ୱ ନିରୀକ୍ଷକଙ୍କ ଜରିଆରେ ତହସିଲ କାର୍ଯ୍ୟାଳୟରେ ଦାଖଲ କରିବା ପାଇଁ ମୃତକଙ୍କ ବାପା ଡମ୍ବୁ ଭତ୍ରାଙ୍କୁ କହିଥିଲେ। ତହସିଲଦାରଙ୍କ ସହ ନନ୍ଦାହାଣ୍ଡି ତହସିଲର ରାଜସ୍ୱ ପରିଦର୍ଶକ ମହମ୍ମଦ ଜାଭେଦ ଆଖତର, ସିନ୍ଧିଗୁଡା ରାଜସ୍ୱ ମଣ୍ଡଳ ରାଜସ୍ୱ ନିରୀକ୍ଷକ ଦିନକୃଷ୍ଣ ବେହେରା, ଡିଇଓ ଅରୁଣ ବିଷୋୟୀ ଉପସ୍ଥିତ ଥିଲେ।

# ନଦୀରେ ବୁଡ଼ି ୨ ବର୍ଷର ଶିଶୁ ମୃତ

ଡାବୁଗାଁ, ୧୫।୩ (ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଅଧୀନ ବୁଟିଆଗୁଡ଼ା ଗ୍ରାମରେ ଜଣେ ୨ ବର୍ଷର ଶିଶୁପୁତ୍ର ବୁଧବାର ଅପରାହ୍ନରେ ନଦୀରେ ବୁଡି ପ୍ରାଣ ହରାଇଛି। ମୃତକ ହେଲେ ବୁଟିଆଗୁଡ଼ା ଗ୍ରାମର ପ୍ରଶାନ୍ତ ମେହେରାଙ୍କ ପୁଅ ପୁରୁଷୋତ୍ତମ(୨)। ପୁରୁଷୋତ୍ତମ ଅପରାହ୍ନରେ ଏକୁଟିଆ ଘରପାଖରେ ଥିବା ନଦୀକୁ ଚାଲିଯାଇଥିଲେ। ସେଠାରେ ସେ ବୁଡିଯାଇଥିବା ବେଳେ ବାପା ପ୍ରଶାନ୍ତ ତାଙ୍କୁ ଦେଖି ଉଦ୍ଧାର କରିଥିଲେ। ପରେ ୧୦୮ଆମ୍ବୁଲାନ୍ସ ଯୋଗେ ପୁରୁଷୋତ୍ତମଙ୍କୁ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ମୃତ ଶିଶୁଙ୍କ ବାପା ଡାବୁଗାଁ ଥାନାରେ ଏତଲା ଦେଇଥିଲେ। ଉକ୍ତ ଏତଲାକୁ ଭିତ୍ତି କରି ଥାନା ଏଏସ୍‌ଆଇ ଶିଶିର କାନ୍ତ ଘୋଷ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛନ୍ତି।

# ଜୟପୁରରେ ଡାକମେଳା

ଜୟପୁର, ୧୫।୩ (ନି.ପ୍ର.)

ଜୟପୁର ବ୍ଲକ ଅଧୀନ ଉମୁରିରେ ଡାକ ମେଳା ଅନୁଷ୍ଠିତ ହୋଇଛି। କୋରାପୁଟ ଡାକ ମଣ୍ଡଳ ପକ୍ଷରୁ ଆୟେଜିତ ଏହି ମେଳାରେ ଜୟପୁର ବ୍ଲକ ଅଧକ୍ଷା ତିଲୋତ୍ତମା ମୁଦୁଲି ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଏସ୍‌ଏସଥ୍‌ପି ମନୋଜ ପ୍ରଗଡା, ବିଡିଓ ରାଜୀବ ଦାସ, ସରପଞ୍ଚ ପ୍ରମୁଖ ମଞ୍ଚାସୀନ ଥିଲେ। ଏଠାରେ ଡାକ ବିଭାଗ ପକ୍ଷରୁ ଷ୍ଟଲ କରାଯାଇଥିଲା। ଏହି ମେଳାର ମୁଖ୍ୟ ଉଦ୍ଦେଷ୍ୟ ହେଲା ଲୋକମାନଙ୍କୁ ବିଭିନ୍ନ ଜିନିଷ ଉପରେ ସଚେତନ କରିବା। ଏହା ଛଡା ଆଧାର ସହ ମୋବାଇଲ ଲିଙ୍କ, ମାଗଣାରେ ୫ ବର୍ଷ ଶିଶୁର ଆଧାର କରିବା, ପାନ କାର୍ଡ ଆଦି ଉପରେ ସଚେତନ କରାଯାଇଥିଲା। ଉପସ୍ଥିତ ଅତିଥିମାନେ ଯେପରି ଅଧିକରୁ ଅଧକ ସୁକନ୍ୟା ସମୃଦ୍ଧି ଖାତା ଖୋଲିବେ ସେ ନେଇ ଲୋକଙ୍କୁ ସେଚେତନ କରାଯାଇଥିଲା।




ବୈଠକରେ ଉପସ୍ଥିତ ଅତିଥିମାନେ।

# ଜିଲାପାଳଙ୍କ ତଦାରଖ ବାତିଲ ନେଇ ଅସନ୍ତୋଷ

### ଆମ ମେଡିକାଲ କାର୍ଯ୍ୟକ୍ରମରେ ପଟ୍ଟାଙ୍ଗି ସ୍ୱାସ୍ଥ୍ୟକେନ୍ଦ୍ର ସାମିଲ

ପଟ୍ଟାଙ୍ଗି,୧୫।୩(ଡି.ଏନ.ଏ)

ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉନ୍ନତି ଲାଗି ରାଜ୍ୟ ସରକାର ଆମ ମେଡ଼ିକାଲ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଏଥିରେ ରାଜ୍ୟର ଅନେକ ସ୍ୱାସ୍ଥ୍ୟକେନ୍ଦ୍ରକୁ ସାମିଲ କରାଯାଇଛି। ଏହି କ୍ଷେତ୍ରରେ ଦେଖିବାକୁ ଗଲେ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକ ଆର୍‌କେଏସ୍ ଓ ଏନଏଚ୍‌ଏମ୍ ଆଦି ଯୋଜନାରୁ କୋଟି କୋଟି ଅର୍ଥ ଖର୍ଚ୍ଚ କରି ଉନ୍ନତୀକରଣ ହେଉଛି। କାୟାକଳ୍ପ ମାଧ୍ୟମରେ ଏସବୁ ସ୍ୱାସ୍ଥ୍ୟକେନ୍ଦ୍ର ପୁରସ୍କୃତ ହେଉଥିବା ବେଳେ ସରକାରଙ୍କ ଉକ୍ତ କାର୍ଯ୍ୟକ୍ରମକୁ ବାଟମାରଣା କରିବା ପ୍ରୟାସ ହେଉଛି। ବ୍ଲକ ପ୍ରଶାସନ ହାତଗଣତି କେତେଜଣ ଠିକାଦାରଙ୍କ ସହାୟତାରେ ଉକ୍ତ କାମ କରାଉଥିବାରୁ ସାଧାରଣରେ ନାପସନ୍ଦ କରାଯାଉଛି। ରାଜ୍ୟ ସରକାରଙ୍କ ଆମ ମେଡିକାଲ କାର୍ଯ୍ୟକ୍ରମ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ଅଞ୍ଚଳବାସୀ କହିଛନ୍ତି। ତେବେ ଉକ୍ତ ଅର୍ଥରେ ଏକ ନୂତନ ମେଡ଼ିକାଲ ନିର୍ମାଣ କରାଯାଉ ବୋଲି କୋରାପୁଟ ଜିଲାର ପଟ୍ଟାଙ୍ଗି ବ୍ଲକ ବାସିନ୍ଦା ପ୍ରସ୍ତାବ ରଖିଛନ୍ତି। ଅନ୍ୟପକ୍ଷରେ ଆମ ମେଡିକାଲକୁ କାର୍ଯ୍ୟକ୍ରମର ତଦାରଖ ପାଇଁ ଜିଲାପାଳ ଅବ୍ଦଲ ଏମ୍. ଅଖତର୍‌ଙ୍କ ଦୁଇ ଥର ଗସ୍ତ କାର୍ଯ୍ୟକ୍ରମ ସ୍ଥିର କରାଯାଇଥିଲେ ମଧ୍ୟ ତାହା ବାତିଲ ହୋଇଯାଉଛି। ଏହାକୁ ନେଇ ଅସନ୍ତୋଷ ଦେଖାଦେଇଛି। ଏହା ଏକ ନୂତନ ମେଡ଼ିକାଲ କରିବାକୁ ପ୍ରସ୍ତାବ ସହ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ ଲାଗି ଅପେକ୍ଷା କରିଥିବା ପଟ୍ଟାଙ୍ଗୀ ବ୍ଲକ ବାସିନ୍ଦାଙ୍କୁ ଏକ ପ୍ରକାର ନିରାଶ କରିଛି। ସୂଚନାଯୋଗ୍ୟ, ସରକାରଙ୍କ ଆମ ସ୍ୱାସ୍ଥ୍ୟକେନ୍ଦ୍ର କାର୍ଯ୍ୟକ୍ରମରେ ରାଜ୍ୟର ୧୪୭ଟି ମେଡ଼ିକାଲକୁ ଅନ୍ତର୍ଭୁକ୍ତ କରା ଯାଇଛି। ସେଥିମଧ୍ୟରେ କୋରାପୁଟ ଜିଲାର ଲକ୍ଷ୍ମୀପୁର, ପଟ୍ଟାଙ୍ଗୀ, ବୈପାରିଗୁଡା, କୋଟପାଡକୁ ସାମିଲ କରାଯାଇଛି।




# ଆରମ୍ଭ ହେଲା ମୋବାଇଲ ଟାୱାର କାମ

ସେମିଳିଗୁଡ଼ା/ସୁନାବେଡା, ୧୫।୩(ସ୍ୱ.ପ୍ର.)

ସେମିଳିଗୁଡ଼ା ବ୍ଲକ କାଣ୍ଟି ପଞ୍ଚାୟତ ଅଞ୍ଚଳରେ ମୋବାଇଲ ଟାୱାର ନ ଥିବାରୁ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏ ନେଇ 'ଧରିତ୍ରୀ'ରେ ଖବର ପ୍ରକାଶ ପାଇବା ପରେ କାମ ଆରମ୍ଭ ହୋଇଛି। ଉପର କାଣ୍ଟି ଗାଁରେ ପ୍ରାୟ ୨୦୦ ପରିବାରର ୮୦୦ ରୁ ଅଧିକ ଲୋକ ବସବାସ କରୁଛନ୍ତି। ଏଠାରେ ମୋବାଇଲ ନେଟୱାର୍କ ଆସୁ ନ ଥିବାରୁ ଲୋକେ ଜରୁରୀ ସମୟରେ ହଇରାଣ ହରକତ ହେଉଥିଲେ। ଏପରିକି ଦେଓମାଳି ବୁଲି ଆସୁଥିବା ପର୍ଯଟକମାନେ ମଧ୍ୟ ନାନା ଅସୁବିଧାର ସମ୍ମୁଖୀନ ହେଉଥିଲେ। ରାଜ୍ୟ ବାହାରର ପର୍ଯ୍ୟଟକମାନେ ଏଠାକୁ ଆସି ସମ୍ପର୍କୀୟଙ୍କ ସହ କଥାବାର୍ତ୍ତା କରିବା ସମ୍ଭବ ହେଉ ନ ଥିଲା। ସ୍ଥାନୀୟ ଅଞ୍ଚଳର ଲୋକଙ୍କୁ ଆବଶ୍ୟକସ୍ଥଳେ କଥା ହେବା ପାଇଁ ମୋବାଇଲ ଫୋନ୍ ଧରି ୩ କି.ମି.ପାହାଡ ଉପରକୁ ଯିବାକୁ ପଡୁଥିଲା। ଏହାର ସ୍ଥାୟୀ ସମାଧାନ ପାଇଁ ବିଭିନ୍ନ ସମୟରେ ଦାବି ହୋଇ ଆସୁଥିଲା। ଏହାକୁ ହୃଦବୋଧ କରି ପ୍ରଶାସନ ପକ୍ଷରୁ କାଣ୍ଟି ପଞ୍ଚାୟତ କାର୍ଯ୍ୟାଳୟ ବୋଲାଉଥିବା ରାଜୀବଗାନ୍ଧୀ ବାତ୍ୟା ଆଶ୍ରୟସ୍ଥଳୀ ପଛପଟେ ଜିଓ ଏବଂ ବିଏସ୍‌ଏନଏଲ ଦୁଇଟି ମୋବାଇଲ ସେବା ପ୍ରଦାନକାରୀ ସଂସ୍ଥା ପକ୍ଷରୁ ଟାୱାର ସ୍ଥାପନ ଲାଗି ପାରିପାର୍ଶ୍ୱିକ ସ୍ଥିତି ଓ ମାଟି ପରୀକ୍ଷା କରାଯାଇଛି। ଆଗାମୀ ଦିନରେ ଏଠାରେ ୨ଟି ମୋବାଇଲ ଟାୱାର୍ ବସିବ ବୋଲି ସ୍ଥାନୀୟ ସରପଞ୍ଚ ସୂଚନା ଦେଇଛନ୍ତି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ଖୁସି ବ୍ୟକ୍ତ କରିଛନ୍ତି। ସୂଚନାଯୋଗ୍ୟ, କରୋନା ସମୟରେ ଅନଲାଇନ ମାଧ୍ୟମରେ ପାଠ ପଢ଼ିବାକୁ ଏଠାକାର ଛାତ୍ରୀଛାତ୍ରଙ୍କୁ ପାହାଡ଼ ଶିଖର ତଥା ଗଛ ଉପରକୁ ଚଢ଼ିବାକୁ ପଡୁଥିଲା। ଟାୱାର ନିର୍ମାଣ ପରେ ସମସ୍ୟା ସମାଧାନ ହୋଇପାରିବ।



ମୋବାଇଲ ଟାୱାର ସ୍ଥାପନ ଲାଗି ସ୍ଥିତି ଅନୁଧ୍ୟାନ କରାଯାଉଛି।

### ଧରିତ୍ରୀ ପ୍ରଭାବ

## ସଂକ୍ଷେପରେ

### ମୋଟର ୟୁନିୟନ କର୍ମଚାରୀଙ୍କ ଧାରଣା

ରାୟଗଡା ଅଫିସ,୧୫।୩: ସିଆଇଟିୟୁ ନିର୍ଦ୍ଦେଶରେ ରାୟଗଡା ମୋଟର ୟୁନିୟନ ଏମ୍ପ୍ଲଇଜଙ୍କ ପକ୍ଷରୁ ସ୍ଥାନୀୟ କପିଳାସ ରୋଡ଼ର ନିଜସ୍ୱ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି। ନୂତନ ମୋଟର ଭେହିକଲ ଆକ୍ଟ ନାମରେ ସରକାର ମୋଟର ଭେହିକଲ କର୍ମଚାରୀଙ୍କୁ ଆହୁରି ନିର୍ଯାତନାକୁ ଠେଲିବାକୁ ଚକ୍ରାନ୍ତ କରୁଛନ୍ତି ବୋଲି ସଂଘ ସଭାପତି ଅଭିଯୋଗ କରିଛନ୍ତି। ସଂଘ ସଭାପତି ସୁନୀଲ କର, ଉପସଭାପତି ଏମ. ରାମା ରାଓ, ସାଧାରଣ ସମ୍ପାଦକ ୱାଇ ସତ୍ୟାମୂର୍ତ୍ତି ଏବଂ ମୋଟର ୟୁନିୟନ ସଦସ୍ୟମାନେ ଧାରଣା ଦେଇଛନ୍ତି। ଆଗାମୀ ଦିନରେ ଦାବିଗୁଡିକ ପୂରଣ ନ ହେଲେ ଆନ୍ଦୋଳନ ଚେତାବନୀ ଦିଆଯାଇଛି। ମୋଟର ୟୁନିୟନ କର୍ମଚାରୀ ଗାଡି ଚଳାଇବା ବନ୍ଦ କରିଥିଲେ ମଧ ପିଲାଙ୍କ ପରୀକ୍ଷା ଚାଲିଥିବାରୁ ସରକାରଙ୍କୁ ସହଯୋଗ କରିଛୁ ବୋଲି କୁହାଯାଇଛି।

### ଡା.ଉମାଶଙ୍କର ଜାତୀୟ ବ୍ୟାଡ଼ମିଣ୍ଟନ ପାଇଁ ମନୋନୀତ



ଦାମନଯୋଡି,୧୫।୩ (ଡି.ଏନ୍.ଏ.): ନାଲକୋ ନାଲକୋ ହସ୍ପିଟାଲର ବରିଷ୍ଠ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଡା.ଉମାଶଙ୍କର ପ୍ରଧାନ ଜାତୀୟ ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ ଓଡିଶା ପାଇଁ ଖେଳିବାକୁ ମନୋନୀତ ହୋଇଛନ୍ତି। ବ୍ୟାଡମିଣ୍ଟନ ଆସୋସିଏସଶନ ଅଫ ଇଣ୍ଡିଆ ପକ୍ଷରୁ ଗୋଆ ଠାରେ ଆସନ୍ତା ୧୮ରୁ ୨୭ତାରିଖ ପର୍ଯ୍ୟନ୍ତ ଏହି ମାଷ୍ଟରସ ନ୍ୟାଶନାଲ ବ୍ୟାଡମିଣ୍ଟନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ୪୦ ବର୍ଷରୁ ଉର୍ଦ୍ଧ୍ୱ ପୁରୁଷ ଡବଲସରେ ଓଡ଼ିଶା ପାଇଁ ଖେଳିବାକୁ ଓଡ଼ିଶା ରାଜ୍ୟ ବ୍ୟାଡମିଣ୍ଟନ ଆସୋସିଏଶନ ପକ୍ଷରୁ ଡ଼ା. ଉମାଶଙ୍କରଙ୍କୁ ଚୟନ କରାଯାଇଛି। ବହୁ କ୍ରୀଡ଼ାପ୍ରେମୀ ଓ ଶୁଭେଚ୍ଛୁ ଉମାଶଙ୍କରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଆନ୍ତର୍ଜାତିକ ସମ୍ମିଳନୀ



କୋରାପୁଟ,୧୫।୩(ସ୍ୱ.ପ୍ର.): ସୁନାବେଡାସ୍ଥିତ ଓଡିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ବୁଧବାର ଏକ ଆନ୍ତର୍ଜାତିକ ସମ୍ମିଳନୀ ଆରମ୍ଭ ହୋଇଯାଇଛି। ଜାତୀୟ-ଅନ୍ତରାଷ୍ଟ୍ରୀୟ କ୍ଷିତିଜ ପର ହିନ୍ଦୀ କି ଦଶା ଏବଂ ଦିଶା (ଜାତୀୟ ଓ ଅନ୍ତର୍ଜାତୀୟ ଦିଗନ୍ତରେ ହିନ୍ଦୀର ସ୍ଥିତି ଓ ଦିଗ) ଶୀର୍ଷକ ଅନ୍ତର୍ଜାତୀୟ ସମ୍ମିଳନୀର ଉଦ୍‌ଘାଟନୀ ଅଧିବେଶନରେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ଉପସ୍ଥିତ ଥିଲେ। ହିନ୍ଦୀର ଅନୁଭବ ହେଉଛି ମମତାର ଅନୁଭବ ଏବଂ କେବଳ ମମତାର ଅନୁଭବ ହିଁ ସମଗ୍ର ବିଶ୍ୱକୁ ରକ୍ଷା କରିପାରିବ ବୋଲି ସେ କହିଛନ୍ତି। ଦିନକୁ ଦିନ ହିନ୍ଦୀରେ ଭକ୍ତି କବିତା ମାଧମରେ ପ୍ରେମ ଓ ମମତାର ଭାବନା ପ୍ରଚାର କରାଯାଉଛି ବୋଲି ସେ କହିଛନ୍ତି।

### ଜମି ଜାଲିଆତି ମାମଲାରେ ପୂର୍ବତନ ଆର୍‌ଆଇଙ୍କୁ ଜେଲ

କୋରାପୁଟ/ନାରାୟଣପାଟଣା,୧୫।୩ (ସ୍ୱ.ପ୍ର/ଡି.ଏନ୍.ଏ.): ୨୦୦୩ର ଏକ ସରକାରୀ ଜମି ଜାଲିଆତି ମାମଲାରେ ନାରାୟଣପାଟଣା ତହସିଲର ପୂର୍ବତନ ଆରଆଇ ପ୍ରେମଚନ୍ଦ୍ର ସୁନାଙ୍କୁ ୨ ବର୍ଷ ଜେଲ ସହ ୧୦ ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଛନ୍ତି ଜୟପୁରସ୍ଥିତ ଭିଜିଲାନସ କୋର୍ଟ। ମିଳିଥିବା ସୁଚନାରୁ ଜଣାଯାଇଛି ଯେ ୨୦୦୩ ମସିହାରେ ନାରାୟଣପାଟଣା ତହସିଲର ପୂର୍ବତନ ଆରଆଇ ପ୍ରେମଚନ୍ଦ୍ର ସୁନା ଏକ ସରକାରୀ ଜମିକୁ ଜଣେ ଅଯୋଗ୍ୟ ବ୍ୟକ୍ତିଙ୍କୁ ଲିଜରେ ପ୍ରଦାନ କରିବାରେ ସହଯୋଗ କରିଥିଲେ। ଏହି ଘଟଣାର ବୁଧବାର ଜୟପୁରସ୍ଥିତ ଭିଜିଲାନ୍ସ କୋର୍ଟରେ ବିଚାର ଚାଲିଥିବାବେଳେ ଜଜ୍ ପ୍ରେମଚନ୍ଦ୍ରଙ୍କୁ ଦୋଷୀ ସାବ୍ୟସ୍ତ କରି ୨ ବର୍ଷ ଜେଲ ସହ ୧୦ ହଜାର ଟଙ୍କାର ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ମାମଲାର ପୂର୍ବତନ ଭିଜିଲାନ୍ସ ଇନ୍ସପେକ୍ଟର ଏସ୍.ଏନ୍. ରାୟଗୁରୁ ତଦନ୍ତ କରୁଥିବାବେଳେ ଜୟପୁର ଭିଜିଲାନ୍ସ ବିଭାଗର ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ଶଶିଧର ପଟ୍ଟନାୟକ ମାମଲା ପରିଚାଳନା କରୁଥିଲେ।

# ରାୟଗଡ଼ାରେ 'ଉଗାଦି' ଉତ୍ସବ ପ୍ରସ୍ତୁତି ଜୋରଦାର

ରାୟଗଡା ଅଫିସ,୧୫/୦୩

ଆସନ୍ତା ତେଲୁଗୁ ସଂପ୍ରଦାୟର ନବବର୍ଷ ତଥା 'ଉଗାଦି' ଉତ୍ସବ ଆସନ୍ତା ୨୨ ତାରିଖରେ ହେବ। ଚଳିତବର୍ଷ ଉଗାଦି ପର୍ବ ପାଳନକୁ ନେଇ ରାୟଗଡା ସହର ଏବେ ଠାରୁ ଚଳଚଞ୍ଚଳ ହୋଇଛି। ପ୍ରଥମ କରି ସହରର ୨ଟି ସ୍ଥାନରେ ତେଲୁଗୁ ସଂପ୍ରଦାୟର ଏହି 'ଉଗାଦି ଉତ୍ସବ' ପାଳନ ହେବାକୁ ଯାଉଛି। ସହରର ବିଭିନ୍ନ ମୁଖ୍ୟ ଛକଗୁଡିକରେ ଉଗାଦି ଉତ୍ସବର ବ୍ୟାନର ଲାଗିଛି। ରାୟଗଡା ଜିଲା ବିଜୁ ଜନତା ଦଳର ବରିଷ୍ଠ ନେତା ତଥା ପୂର୍ବତନ ରାଜ୍ୟସଭା ସାଂସଦ ଏନ.ଭାସ୍କର ରାଓଙ୍କ ସଭାପତିତ୍ୱରେ ରାୟଗଡ଼ା ଡିଷ୍ଟ୍ରିକ୍ ଉଗାଦି ଉତ୍ସବ କମିଟି ପକ୍ଷରୁ ହୋଟେଲ ତେଜସ୍ୱୀ ସମ୍ମୁଖ ପଡିଆଠାରେ ୧୧ତମ ବର୍ଷର ଉଗାଦି ଉତ୍ସବ ୨ଦିନ ଧରି ପାଳନ ହେବ।

ସେହିପରି ଜିଲା ଉଗାଦି ଉତ୍ସବ କମିଟି ସଭାପତି ତଥା ଆଇନଜୀବି ଭି.ସନ୍ନ୍ୟାସୀ ରାଜୁ ଏବଂ ଆବାହକ ପି.ଗୌରୀ ଶଙ୍କର ରାଓଙ୍କ ନେତୃତ୍ୱରେ ୩୨୬ନମ୍ବର ଜାତୀୟ ରାଜପଥ କଡରେ ଥିବା ହିରୋ ସୋ'ରୁମ ସମ୍ମୁଖ ପଡିଆ ଠାରେ ପ୍ରଥମ ବର୍ଷର ଉଗାଦି ଉତ୍ସବ ୨ଦିନ ଧରି ପାଳନ କରାଯିବ ବୋଲି ଜଣାପଡିଛି। ଉଭୟ କମିଟି ପକ୍ଷରୁ ଉକ୍ତ ୨ଦିନର ସନ୍ଧ୍ୟାରେ ଭରପୁର ମନୋରଞ୍ଜନ ଲାଗି ସାଂସ୍କୃତିକ କାର୍ଯ୍ୟକ୍ରମମାନ ରହିଛି। ତେଲୁଗୁ ଚଳଚ୍ଚିତ୍ର ଜଗତର ଅଭିନେତ୍ରୀ, ହାସ୍ୟ କଳାକାରଙ୍କ ସମେତ ଅନ୍ୟ କଳାକାରମାନେ ସହରବାସୀଙ୍କ ମନୋରଞ୍ଜନ କରିବେ। ଯାହାକୁ ନେଇ ସହରର ଯୁବଗୋଷ୍ଠୀଙ୍କ ମଧ୍ୟରେ ଉତ୍ସାହ ଦେଖାଯାଇଛି। ହିରୋ ସୋ'ରୁମ ସମ୍ମୁଖ ପଡିଆରେ ହେବାକୁ ଥିବା ଉଗାଦି ଉତ୍ସବ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା ଯୋଗ ଦେବାକୁ ଥିବା ବେଳେ ବିଶିଷ୍ଟ ଅତିଥି ଭାବେ ଆନ୍ଧ୍ର ପ୍ରଦେଶ ଶ୍ରୀକାକୁଲମ ଏମପି କେ.ରାମମୋହନ ନାଇଡୁ ଯୋଗ ଦେବେ ବୋଲି ଜଣାପଡିଛି। ସେହିପରି ସମ୍ମାନିତ ଅତିଥି ଭାବେ କୋରାପୁଟ ଏମ୍‌ପି ସପ୍ତଗିରି ଉଲାକା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଉପଦେଷ୍ଟା ସୁଧୀର କୁମାର ଦାଶ,ରାୟଗଡା ବିଧାୟକ ମକରନ୍ଦ ମୁଦୁଲି, ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ, ଜିଲା ପରିଷଦ ଅଧ୍ୟକ୍ଷା ସୁଶ୍ରୀ ସରସ୍ୱତୀ ମାଝି,ଏସଡିସି ଅଧ୍ୟକ୍ଷା ଅନୁସୂୟା ମାଝି, ଜିଲାପାଳ ସ୍ୱଧାଦେବ ସିଂ, ଏସ.ପି. ବିବେକାନନ୍ଦ ଶର୍ମା, ମା ମଝିଘରିଆଣୀ ମନ୍ଦିର ଟ୍ରଷ୍ଟି ଅଧ୍ୟକ୍ଷ ରାଇସିଂ ବିଡିକା ଏବଂ ମୁଖ୍ୟବକ୍ତା ଭାବେ ଟଲିଉଡ ଜଗତର ଖ୍ୟାତାନାମା ଗୀତକାର ବି.ବିଜୟ କୁମାର ଯୋଗ ଦେବା କାର୍ଯ୍ୟକ୍ରମ ରହିଛି। ସାଂସ୍କୃତିକ କାର୍ଯ୍ୟକ୍ରମରେ ଟଲିଉଡ ଅଭିନେତ୍ରୀ ମେହରିନ, ପ୍ରିୟଙ୍କା ନିଭାଣାଙ୍କ ସମେତ ଟଲିଉଡ ଏବଂ ବଲିଉଡର କଣ୍ଠଶିଳ୍ପୀ ଦୀପୁ, ଭାର୍ଗଭୀ ପିଲାଇ, ସୋନି ଏବଂ ହାସ୍ୟ ପ୍ରୋଗ୍ରାମର କଳାକାର ବିନୋଦ, ଦୋରାବାବୁ, ଅଭିନାଶ ଏବଂ ଫାଇମାଙ୍କ ସହ ଧୀ ଡେନ୍ସର୍ସ ପ୍ରମୁଖ ଦର୍ଶକଙ୍କ ମନୋରଞ୍ଜନ କରିବେ। ଉଗାଦି ଉତ୍ସବ ଅବସରରେ ୨୨ ତାରିଖ ସକାଳ ୮ଟାରେ ସ୍ଥାନୀୟ ଅଶୋକ କଲ୍ୟାଣ ମଣ୍ଡପ ଠାରେ ନୂତନ ପାଞ୍ଜି ପଠନ ସହ ପାରମ୍ପରିକ ଆମ୍ବ ଆଚାର ବିତରଣ,ଗୀତା ପରାୟାଣ,କବି ସମ୍ମିଳନୀ,କବିତା ଗୋଷ୍ଠୀ ସହ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସେହିପରି ପୂର୍ବତନ ରାଜ୍ୟସଭା ସାଂସଦ ରାଓଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହେଉଥିବା ଉଗାଦି ଉତ୍ସବ କାର୍ଯ୍ୟକ୍ରମ ମଧ୍ୟରେ ୨୨ତାରିଖ ସକାଳ ୯ଟାରେ ନ୍ୟୁକଲୋନୀର ହୋଟେଲ ସ୍ୱାଗତ ନିକଟସ୍ଥ ରାମଲିଙ୍ଗେଶ୍ୱର ମନ୍ଦିର ପ୍ରାଙ୍ଗଣରେ ନୂତନ ପାଞ୍ଜି ପଠନ,କବିତା ପାଠୋତ୍ସବ,କବି ସମ୍ମିଳନୀ ଆଦି କାର୍ଯ୍ୟକ୍ରମ ରହିଛି। ଏହି ଉତ୍ସବ ପାଳନ ଉପଲକ୍ଷେ ବୁଧବାର ତେଜସ୍ୱୀ ହୋଟେଲ ସମ୍ମୁଖ ପଡିଆ ଠାରେ ରଙ୍ଗୋଲି,ମେହେନ୍ଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ୩୦୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଥିବା ବେଳେ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଉତ୍ସବ ପାଳନ କମିଟିର ସଭାପତି ରାଓ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଫିତା କାଟି ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ।



ଉଗାଦି ଉତ୍ସବ ପରିପ୍ରେକ୍ଷୀରେ ମହିଳାମାନଙ୍କ ମଧ୍ୟରେ ମେହେନ୍ଦୀ ପ୍ରତିଯୋଗିତା ଚାଲିଛି।

### ରଙ୍ଗୋଲି,ମେହେନ୍ଦି ପ୍ରତିଯୋଗିତା

## ବନାଞ୍ଚଳ ଅଧିକାରୀଙ୍କ ଦାୟିତ୍ୱ ଗ୍ରହଣ



ମାଥିଲି,୧୫।୩(ଡି.ଏନ.ଏ)

ମାଲକାନଗିରି ଜିଲା ମାଥିଲି ବନାଞ୍ଚଳର ଅତିରିକ୍ତ ବନାଞ୍ଚଳ ଅଧିକାରୀ ବାସୁଦେବ ନାୟକ ପଦୋନ୍ନତି ପାଇ ମାଥିଲି ବନାଞ୍ଚଳ ଅଧିକାରୀ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଗତ ୧୩ ତାରିଖରେ ବିଭାଗ ତରଫରୁ ତାଙ୍କର ପଦୋନ୍ନତି ଘୋଷଣା କରାଯାଇଥିଲା। ୧୯୯୦ରେ ସୋସିଆଲ ଫରେଷ୍ଟର ଭାବେ ନବରଙ୍ଗପୁର ଜିଲା ଝରିଗାଁ ବନାଞ୍ଚଳ କାର୍ଯ୍ୟାଳୟରେ ଚାକିରି ଆରମ୍ଭ କରିଥିଲେ। ସେଠାରେ ୨୦୦୪ ପର୍ଯ୍ୟନ୍ତ କାର୍ଯ୍ୟରତ ଥିଲେ। ପରେ ମାଲକାନଗିରି ଜିଲା ମାଥିଲି ବନାଞ୍ଚଳ କାର୍ଯ୍ୟାଳୟକୁ ଆସି ୨୦୦୯ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ। ମାଲକାନଗିରି ଜିଲା ସଦର ବନାଞ୍ଚଳ କାର୍ଯ୍ୟାଳୟର ପଦ୍ମଗିରି ବନପାଳ କାର୍ଯ୍ୟାଳୟରେ ୨୦୧୭ ପର୍ଯ୍ୟନ୍ତ ଫରେଷ୍ଟର ଭାବେ କାର୍ଯ୍ୟରତ ଥିଲେ। ୨୦୨୧ ଅକ୍ଟୋବରରେ ମାଥିଲି ବନାଞ୍ଚଳର ଅତିରିକ୍ତ ବନାଞ୍ଚଳ ଅଧିକାରୀ ଭାବେ ବିଭାଗ ତରଫରୁ ଦାୟିତ୍ୱ ଗ୍ରହଣ କରିଥିଲେ। ବର୍ତ୍ତମାନ ବନାଞ୍ଚଳ ଅଧିକାରୀ ଭାବେ ପଦୋନ୍ନତି ପାଇବା ପରେ ସବୁ ମହଲରୁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟୁଛି।

## ଡାରଉଇନ୍ ଡିଗ୍ରୀ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

କୁଡୁମୁଲୁଗୁମ୍ମା,୧୫।୩(ଡି.ଏନ୍.ଏ.)

କୁଡୁମୁଲୁଗୁମ୍ମା ସ୍ଥିତ ଡାରଉଇନ୍ ଡିଗ୍ରୀ ମହାବିଦ୍ୟାଳୟର ୧୩ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା ମୁଖ୍ୟଅତିଥି ଓ ମାଲକାନଗିରି ଉପଜିଲାପାଳ ଅକ୍ଷୟ କୁମାର ଖେମୁଣ୍ଡୁ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଖଇରପୁଟ ବ୍ଲକ ଅଧ୍ୟକ୍ଷ ବିମ୍ବ କିଷାନୀ, ଗୋବିନ୍ଦପାଲି ବିଜୁ ପଟ୍ଟନାୟକ ଡିଗ୍ରୀ ମହାବିଦ୍ୟାଳୟ ପ୍ରିନ୍ସପାଲ ତ୍ରିଲୋକ୍ୟନାଥ ସାହୁ,ବାଲିମେଳା ବିଜ୍ଞାନ ମହାବିଦ୍ୟାଳୟ ପ୍ରିନ୍ସପାଲ ଅମୂଲ୍ୟ କୁମାର ପ୍ରଧାନ, ମାଲକାନଗିରି ମହାବିଦ୍ୟାଳୟ ବାଣିଜ୍ୟ ଅଧ୍ୟାପକ ରଞ୍ଜନ କୁମାର ସ୍ୱାଇଁ, କୁଡୁମୁଲୁଗୁମ୍ମା ତହସିଲଦାର ଅଶୋକ ମୁଦୁଲି, କୁଡୁମୁଲୁଗୁମ୍ମା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପ୍ରିନ୍ସପାଲ ଗୌରୀ ଶଙ୍କର ବେହେରା, ଗୋବିନ୍ଦପାଲ୍ଲୀ ବିଜୁ ପଟ୍ଟନାୟକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରିନ୍ସପାଲ ସୁଜିତ୍ କୁମାର ବୋଷ୍, ମାଥିଲି ଗୋପବନ୍ଧୁ ମହାବିଦ୍ୟାଳୟ ପ୍ରିନ୍ସପାଲ ସୁବ୍ରତ କୁମାର ଭଦ୍ରା,ଏମ ଭି ୭୯ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପ୍ରିନ୍ସପାଲ ପ୍ରଶାନ୍ତ କୁମାର ପାଢ଼ୀ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ପ୍ରିନ୍ସପାଲ ଅଶୋକ କୁମାର ପ୍ରଧାନ ପରିଚାଳନା କରିଥିଲାବେଳେ ମଞ୍ଚ ଓ ଶବ୍ଦ ସଂଯୋଜନା ସୁଶ୍ରୀ ସିମାନ୍ତିକା ଦାସ୍ କରିଥିଲେ। ଆଗାମୀ ଦିନରେ ବିଧାୟକ ନିଜ ପାଣ୍ଠିରୁ ଏହି ମହାବିଦ୍ୟାଳୟରେ ଏକ ସାଇକେଲ ଷ୍ଟାଣ୍ଡ ଓ ପାଚେରୀ ଉଚ୍ଚା ନିମନ୍ତେ ଅର୍ଥ ପ୍ରଦାନ କରିବେ ବୋଲି ଘୋଷଣା କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଅତିଥି ମାନେ ଏହି ମହାବିଦ୍ୟାଳୟର ବିଭିନ୍ନ କୃତିତ୍ୱ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

## ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା ନେଇ ସଚେତନତା




ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରୁଛି।

ଡାବୁଗାଁ, ୧୫।୩ (ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବନାଞ୍ଚଳ ଅଧୀନ ବିଭିନ୍ନ ସ୍ଥାନରେ ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା ପାଇଁ ସଚେତନତା କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ସାପ୍ତାହିକ ହାଟ, ବିଭିନ୍ନ ବିଦ୍ୟାଳୟ ଛାତ୍ରୀଛାତ୍ର ମାନଙ୍କୁ ନେଇ ଶୋଭାଯାତ୍ରା ବାହାରିଥିଲା। ଡକବାଜି ଯନ୍ତ୍ର ଦ୍ୱାରା ସମସ୍ତଙ୍କୁ ସଚେତନ କରାଯାଇଛି। ଏ ନେଇ ବନାଞ୍ଚଳ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଇଛି। ୩୨ ସ୍ୱୟଂ ସହାୟକ ଗୋଷ୍ଠୀକୁ ବନାଗ୍ନି ନିରାକରଣ ନିମନ୍ତେ ଆର୍ଥିକ ସହାୟତା ଯୋଗାଣ, ବନାଞ୍ଚଳ ଅଧୀନରେ ୨୦ ଜଣ ବିଭାଗୀୟ କର୍ମଚାରୀଙ୍କ ସହ ୩୪ ଜଣ ଅସ୍ଥାୟୀ କର୍ମଚାରୀ ନିୟୋଜିତ କରାଯାଇଛି ବୋଲି କୁହାଯାଇଛି। ଚଳିତ ବର୍ଷ ଜଙ୍ଗଲରେ ନିଆଁ ଲଗାଇବାକୁ ଉଦ୍ୟମ କରୁଥିବା ଅପରାଧୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଉଛି, ବନାଞ୍ଚଳ ଅଧୀନରେ ଥିବା ବିଭିନ୍ନ ଜଙ୍ଗଲରେ ୧୯୦ କିମି ଅଗ୍ନୀ ନିର୍ବାପକ ରେଖା କାର୍ଯ୍ୟକାରୀ ଭଳି ବିଭିନ୍ନ ପଦକ୍ଷେପ ନିଆଯାଇଛି ବୋଲି ବନାଞ୍ଚଳ ଅଧିକାରୀ ସେତୁରଞ୍ଜାନୀ ଗମାଙ୍ଗ ପ୍ରକାଶ କରିଛନ୍ତି। ବୁଧବାର ବନାଞ୍ଚଳ ଅଧୀନ ୧୦୭ଟି ବନ ସଂରକ୍ଷଣ ସମିତିରେ ସଚେତନତା କରାଯାଇଛି। ଏଥିରେ ଡାବୁଗାଁ ବନପାଳ ମଧୁସୂଦନ ପାତ୍ର, ମୈଦଲପୁର ବନପାଳ ଉମାକାନ୍ତ ପଟ୍ଟନାୟକଙ୍କ ସମେତ ସମସ୍ତ ବନରକ୍ଷୀମାନେ ସାମିଲ ଥିଲେ।

## ବିଦ୍ୟାଳୟରେ ୩ ଦିନ ହେଲା ମଧ୍ୟାହ୍ନଭୋଜନ ବନ୍ଦ

କୋରୁକୋଣ୍ଡା,୧୫।୩(ଡି.ଏନ.ଏ)

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ସୋମନାଥପୁର ପଞ୍ଚାୟତ ମହେଶ୍ୱରପୁର ପ୍ରାଥମିକ ବିଦ୍ୟାଳୟରେ ୩ ଦିନ ହେଲା ମଧ୍ୟାହ୍ନ ଭୋଜନ ବନ୍ଦ ରହିଛି। ପାଚିକାମାନେ ବିଭିନ୍ନ ଦାବି ନେଇ ଧାରଣାରେ ବସିଥିବାରୁ ବିଦ୍ୟାଳୟ ରୋଷେଇ ବନ୍ଦ ରହିଛି। ଏଭଳି ସ୍ଥିତିରେ ଅନ୍ୟ କିଛି ବିକଳ୍ପ କରି ପିଲାଙ୍କୁ ମଧ୍ୟାହ୍ନଭୋଜନ ଦେବା ପାଇଁ ନିୟମ ଥିଲେ ବି ଏଠାରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଏହି ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ପର୍ଯ୍ୟନ୍ତ ମୋଟ ୪୦ପିଲା ପଢୁଥିବା ବେଳେ ପ୍ରଧାନ ଶିକ୍ଷୟିତ୍ରୀଙ୍କ ସମେତ ୨ ଜଣ ଶିକ୍ଷୟିତ୍ରୀ କାର୍ଯ୍ୟରତ ଅଛନ୍ତି। ପାଚିକାଙ୍କ ଧାରଣା ଯୋଗୁ ପିଲାଙ୍କ ଲାଗି ରୋଷେଇ ବନ୍ଦ ହେବ। ତେଣୁ ପ୍ରଧାନ ଶିକ୍ଷୟିତ୍ରୀ ବିଦ୍ୟାଳୟ ପରିଚାଳନା କମିଟିକୁ ଡାକି ଆଲୋଚନା କରି ଅସ୍ଥାୟୀ ଭାବେ ଅନ୍ୟ ପାଚିକାଙ୍କୁ ରଖିବାକୁ ନିଷ୍ପତି ନେଇଥିଲେ। ପ୍ରଥମ ଦିନ ଅସ୍ଥାୟୀ ପାଚିକା ଏବଂ ହେଲପର ରୋଷେଇ କରିଥିଲେ। କିନ୍ତୁ ମଙ୍ଗଳବାର ଅସ୍ଥାୟୀ ପାଚିକା ଏବଂ ହେଲପରଙ୍କୁ ବିଦ୍ୟାଳୟର ପାଚିକାଙ୍କ ସ୍ୱାମୀ ଆସି ଧମକ ଦେବା ସହ ଶିକ୍ଷୟିତ୍ରୀଙ୍କୁ ମଧ ଦୁର୍ବ୍ୟବହାର କରିଥିଲେ। ତେଣୁ ଅସ୍ଥାୟୀ ପାଚିକା ଓ ହେଲପର ରୋଷେଇ ନ କରି ଫେରି ଯାଇଥିଲେ। ଏନେଇ ପ୍ରଧାନ ଶିକ୍ଷୟିତ୍ରୀ କୁଞ୍ଜଲତା ଦଳାଇ ବିଦ୍ୟାଳୟ ପରିଚାଳନା କମିଟି ସମେତ ଦୈତ୍ୟରେ ଥିବା ସିଆରସିସିଙ୍କୁ ଅବଗତ କରିଥିଲେ। ଛାତ୍ରଛାତ୍ରୀ ନିଜ ଘରୁ ମଧ୍ୟାହ୍ନଭୋଜନ ସାଙ୍ଗରେ ନେଇ ଆସିଲେ ବୋଲି ବିଦ୍ୟାଳୟର ପରିଚାଳନା କମିଟି ନକୁଲ ଦଳପତି କହିଛନ୍ତି। କୁଡୁମୁଲୁଗୁମ୍ମା ଶିକ୍ଷାଧିକାରିଣୀ ସୁଶ୍ରୀ ଗାୟତ୍ରୀ ଦେବୀଙ୍କୁ ଏ ନେଇ ପଚାରିବାରୁ ଯଦି ଏପରି କିଛି ଅଭିଯୋଗ ଆସିଛି, ଏହାର ତଦନ୍ତ କରି ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

## ସାମୁହିକ ବ୍ରତୋପନୟନ

ଗୁଣପୁର,୧୫।୩(ଡି.ଏନ.ଏ)

ଗୁଣପୁର କରାବାଙ୍କସ୍ଥିତ ଅଦ୍ୱୈତ ବେଦାନ୍ତ ଆଶ୍ରମରେ ସାମୁହିକ ବ୍ରତୋପନୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗରିବ ବ୍ରାହ୍ମଣ ପିଲାମାନଙ୍କୁ ବ୍ରତ କରାଯାଇଥିଲା। ଆଶ୍ରମର ମୁଖ୍ୟ ସ୍ୱାମୀ ବିଦ୍ୟାନନ୍ଦ ସାଗର ମହାରାଜଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଆଚାର୍ଯ୍ୟ ନଳିନୀକାନ୍ତ ମହାନ୍ତି, ଆଦିତ୍ୟ ବାହିନୀର ଦକ୍ଷିଣ ଓଡିଶାର ଉପାଧ୍ୟକ୍ଷ ତ୍ରିପତି ମହାନ୍ତି ପ୍ରମୁଖ ଉପସ୍ଥିତ ରହି ବ୍ରତ କାର୍ଯ୍ୟ ସଂପାଦନା କରିଥିଲେ। ୧୦ରୁ ଉର୍ଦ୍ଧ୍ୱ ପୁରୋହିତ ଉପସ୍ଥିତ ରହି ବ୍ରତ କାର୍ଯ୍ୟ ପରିଚାଳାନା କରିଥିଲେ।

## ବିଶ୍ୱ ଉପଭୋକ୍ତା ଅଧିକାର ଦିବସ ଉପଲକ୍ଷେ ସାଇକେଲ ଶୋଭାଯାତ୍ରା



ସାଇକେଲ ଶୋଭାଯାତ୍ରାରେ ବାହାରିଥିବା ଛାତ୍ର ଓ ଅନ୍ୟମାନେ।

ଜୟପୁର ୧୫।୩ (ନି.ପ୍ର.)

ବିଶ୍ୱ ଉପଭୋକ୍ତା ଅଧିକାର ଦିବସ ଉପଲକ୍ଷେ ସାଇକେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଜୟପୁର ରଜାନହର ଛକରୁ ଏହି ଶୋଭାଯାତ୍ରା ବାହାରିଥିଲା। ଜୟପୁର ପୌରାଧ୍ୟକ୍ଷ ନରେନ୍ଦ୍ର କୁମାର ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗଦେଇ ଶୋଭାଯାତ୍ରା ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଜୟପୁର ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, ଜିଲା ଖାଉଟି ଆଦାଲତର ସଭାପତି ପ୍ରଫୁଲ୍ଲ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ମାପ ଓ ଓଜନ ବିଭାଗ ଅନୁଷ୍ଠାନ ସିଓ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବାବୁ ଭାଇ ବଜରଙ୍ଗି, କେ.ମୋହୋନ ରାଓ, ପ୍ରତାପ ପଟ୍ଟନାୟକ, ରଞ୍ଜିତ ନାୟକ, ପ୍ରଦିପ୍ତ ସାହୁ, ରବିନ୍ଦ୍ର ନାଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଶୋଭାଯାତ୍ରାରେ ସିଟି ହାଇସ୍କୁଲର ଛାତ୍ରମାନେ ସାମିଲ ହୋଇଥିଲେ। ଶୋଭାଯାତ୍ରା ସହର ପରିକ୍ରମା କରି ସ୍କଉଲରେ ପହଞ୍ଚିବାପରେ ସେଠାରେ ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇଥିଲା।

# ହୁକୁମାତୋଳା ସେବାଶ୍ରମର ବାର୍ଷିକ ଉତ୍ସବ

ମୁନିଗୁଡା,୧୫।୩(ଡି.ଏନ.ଏ)

ମୁନିଗୁଡା ହୁକୁମାତୋଳାସ୍ଥିତ ପ୍ରାଥମିକ ସେବାଶ୍ରମର ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିଲାଗି ପ୍ରଧାନଶିକ୍ଷକ ଲୋକନାଥ ସାହୁଙ୍କ ସଭାପତିତ୍ୱ ଓ ବୁଡୁବାଲିର ସହକାରୀ ଶିକ୍ଷକ ରାମଚନ୍ଦ୍ର ପାଢ଼ୀଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଷମକଟକ ବ୍ଲକ ଅଧ୍ୟକ୍ଷା ଯଶୋଦା ହୁଇକା ମୁଖ୍ୟ ଅତିଥି, ଉପାଧ୍ୟକ୍ଷ ଦେବୀପ୍ରସାଦ ପଟ୍ଟନାୟକ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭ୍ୟା ସୁଜାତା କାଡ୍ରାକା, କୁଟ୍ରାଗଡ଼ ସରପଞ୍ଚ ଇଲ୍ଲାମଇ ପିଡିକାକା, ସମିତି ସଭ୍ୟା ମୌସମୀ ପୂଜାରୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରାମନାଥ ଏରି, ସମାଜିକ କର୍ମୀ ପୁରୁଷୋତ୍ତମ ଜେନା, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଶୁଭପ୍ରଦା ସାସମଲ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନ ଶିକ୍ଷକ ବାର୍ଷିକ ବିବରଣୀ ପାଠ କରିବା ସହିତ ବିଦ୍ୟାଳୟର ଶିକ୍ଷକ ଓ ଅନ୍ୟାନ୍ୟ ଆବଶ୍ୟକତା ବିଭାଗୀୟ ଅଧିକାରୀ ଓ ଉପସ୍ଥିତ ଜନପ୍ରତିନିଧିମାନଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ। ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସାସମଲ ଏ ନେଇ ଉପରିସ୍ଥ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହି ଅବସରରେ ବିଭିନ୍ନ ନୃତ୍ୟ,ସଙ୍ଗୀତ, ନାଟକ ପରିବେଷଣରେ ଭାଗନେଇ କୃତିତ୍ୱ ହାସଲ କରିଥିବା ପ୍ରତିଭାମାନଙ୍କୁ ଏବଂ ପୂର୍ବରୁ ବିଭିନ୍ନ କ୍ଷେତ୍ରରେ ସଫଳ ହୋଇଥିବା ବିଦ୍ୟାର୍ଥୀମାନଙ୍କୁ ଟ୍ରଫି ଓ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା। ଏଥିସହିତ ବିଦ୍ୟାଳୟର ବିକାଶ ପାଇଁ ପୂର୍ବତନ ପ୍ରଧାନ ଶିକ୍ଷକ ପ୍ରତାପ କିଶୋର ବଳବନ୍ତରାୟ, ଗାଁରେ ଶିକ୍ଷାର ବିକାଶ ପାଇଁ ଅବସରପ୍ରାପ୍ତ ଶିକ୍ଷକ ବିମ୍ବାଧର ଧଳ ଓ କୃତ୍ତି ପ୍ରଧାନ, ଶିକ୍ଷକ ରବୀନ୍ଦ୍ର ନାଥ ଖୁଣ୍ଟିଆ, ଗ୍ରାମ ମୁରବୀ ପାନ୍ଥୁଲୁ ଭୋଗିଙ୍କୁ ପୁଷ୍ପଗୁଚ୍ଛ,ଅଙ୍ଗବସ୍ତ୍ର ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। ବାର୍ଷିକ ଉତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷକ ପ୍ରଶାନ୍ତ ରତ୍ନାଲୁ, ଦିଲୀପ ଚୌଧୁରୀ, ମୋହନ କେରିମେରିକା, ପି.ଶ୍ରୀନୁ, ତ୍ରିପତି ହିକକା, ଲଫଙ୍ଗ ଶିକକା, ମ୍ୟାଟ୍ରନ ଭାରତୀ ସାମଲ ପ୍ରମୁଖଙ୍କ ସହିତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।



କୃତୀ ଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

